# ODM PUBLIC SCHOOL

**SESSION :13**
**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME : ଆସ ବୁଲିଯିବା ଭଟ୍ଟାରିକା**
**SUBTOPIC : ପାଠର ପୁନରାବୃତ୍ତି ଓ ଅଭ୍ୟାସ-୮,୧୦ ଓ ୧୩**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP

# ଆସ ବୁଲିଯିବା ଭଙ୍ଗାରିକା



ODM
EDUCATIONAL GROUP
Changing your Tomorrow





# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କଲେ । ଦୁଷ୍ମନ୍ତ

ODM EDUCATIONAL GROUP
Changing your Tommorrow





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ।"

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଅଟ୍ଟାତାମସା କଲେ । ପଦ୍ୟାନ୍ତ ଓ ଅଟ୍ଟାତାମସା ଭିତରେ ଗାଡ଼ି ଭଙ୍ଗାରିକାରେ ପହଂଚିଗଲା ।

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୮ ଗୋଟିଏ ବାକ୍ୟରେ ଲେଖ |

କ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବାକୁ ଯୋଜନା କରିଥିଲେ ?

ଖ –ଅଟ୍ଟାଳିକା ଆଗରେ ଗାଡି କେତେବେଳେ ପହଞ୍ଚିଲା ?

ଗ –ଗାଁ ଦାଣ୍ଡରେ ଗାଡିଟି କେମିତି ଯାଉଥିଲା ?

## ଅଭ୍ୟାସ – ୧୦ ନ ଖାଇଲେ କଣ ହେବ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ |

## ଅଭ୍ୟାସ ୧୩ –ଘରେ ରହୁଥିବା ପଶୁ ,ପକ୍ଷୀ କଣ ଖାଆନ୍ତି ଆଲୋଚନା କର |

ODM EDUCATIONAL GROUP

## ଅଭ୍ୟାସ -୮ ଗୋଟିଏ ବାକ୍ୟରେ ଲେଖ |

କ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବାକୁ ଯୋଜନା କରିଥିଲେ ?

ଉ - ଦୁଷ୍ମନ୍ତ ବାବୁ ଭଗାରିକା ବୁଲିଯିବାକୁ ଯୋଜନା କରିଥିଲେ |

ଖ –ଅଟ୍ଟାଳିକା ଆଗରେ ଗାଡି କେତେବେଳେ ପହଞ୍ଚିଲା ?

ଉ –ଦିନ ଚାରିଟା ସମୟରେ ଅଟ୍ଟାଳିକା ଆଗରେ ଗାଡି ପହଞ୍ଚିଲା |

ଗ –ଗାଁ ଦାଣ୍ଡରେ ଗାଡିଟି କେମିତି ଯାଉଥିଲା ?

ଉ –ଗାଁ ଦାଣ୍ଡରେ ଗାଡିଟି ମନ୍ଥର ଗତିରେ ଯାଉଥିଲା |

## ଅଭ୍ୟାସ – ୧୦ ନ ଖାଇଲେ କଣ ହେବ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ |

ଉ –ନ ଖାଇଲେ ଆମେ ଦୁର୍ବଳ ହୋଇଯିବା |

ଚାଲିବୁଲି ପାରିବା ନାହିଁ |

କାମ କରିବା ପାଇଁ ଦେହରେ ଶକ୍ତି ଆସିବ ନାହିଁ |

ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେବା |

ରୋଗ ପ୍ରତିରୋଧକ ଶକ୍ତି କମିଯିବ |

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

୧ –ଦୁଷ୍ମନ୍ତ ବାବୁଙ୍କ ଘର କେଉଁ ଠାରେ ଅବସ୍ଥିତ ?

୨ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବା ପାଇଁ ଯୋଜନା କଲେ ?

୩ – ଦୁଷ୍ମନ୍ତ ବାବୁ କେଉଁ ମାନଙ୍କୁ ନେଇ ବୁଲି ବାହାରିଲେ ?

୪ –ଉଚ୍ଚାରିକା ରେ କିଏ ପୂଜା ପାଆନ୍ତି ?

୫ –ଜେଜେଙ୍କର କଣ ନେବାକୁ ସେମାନେ ଭୁଲିଲେ ନାହିଁ ?

୬ – ଗାଡି ଆସି କେଉଁ ଠାରେ ରହିଲା ?

୭ –ଗାଡ଼ିଟି ମନ୍ଥର ଗତିରେ କେଉଁଠାରେ ଚାଲିଲା ?

୮ –ଖାଦ୍ୟ ନ ଖାଇଲେ କଣ ହେବ ବୋଲି ଜେଜେ କହିଲେ ?

୯-ପିଲାମାନେ ଜେଜେଙ୍କୁ କଣ କହିବା ପାଇଁ ଅନୁରୋଧ କଲେ ?

୧୦ –ପଦ୍ୟାନ୍ତ ଓ ଅଚ୍ଚାତାମସା ଭିତରେ ଗାଡ଼ିଟି କେଉଁଠାରେ ପହଂଚିଗଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP

ODM
EDUCATIONAL GROUP
Changing your Tomorrow